ଦେବୀ ସିଂ

ବନାମ

ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

ମେ 2,1997

[କେ. ରାମାସ୍ୱାମୀ ଏବଂ କେ.ଟି. ଥୋମାସ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ସମବାୟ ସମିତିଗୁଡିକ :*

*ସମବାୟ ସମିତି — ସଭାପତି — ସମିତିର ପାଣ୍ଠି ପାଇଁ ହିସାବର ଦାୟିତ୍ୱ — ଦର୍ଶାଯାଇଛି, ଯଦିଓ ସମିତିର ଉପ-ନିୟମ ଅନୁଯାୟୀ ଦାୟିତ୍ୱ ହେଉଛି କୋଷାଧ୍ୟକ୍ଷ ଏବଂ ସଚିବଙ୍କର, ସଭାପତି ସାମଗ୍ରିକ ଦାୟିତ୍ୱ ବହନ କରନ୍ତି — ସେ ଏହାର ହିସାବ ପାଇଁ କୋଷାଧ୍ୟକ୍ଷ ଏବଂ ସଚିବଙ୍କ ସହିତ ସାମୂହିକ ଦାୟିତ୍ୱ ବହନ କରନ୍ତି ଏବଂ ସମିତିକୁ ହୋଇଥିବା କ୍ଷତିର କ୍ଷତିପୂରଣ ଦେବା ପାଇଁ କୋଷାଧ୍ୟକ୍ଷ ଏବଂ ସଚିବଙ୍କ ସହିତ ଦାୟୀ ଅଟନ୍ତି — ଉପଯୁକ୍ତ ହିସାବର ବିଲୋପ ଆତ୍ମସାତ୍ କରଣ ବୋଲି ବିବେଚନା କରାଯାଏ ।*

ଦେୱାନୀ ଅପିଲ ଅଧିକାରିତା : ସମୀକ୍ଷା ଆବେଦନ (ସି) ସଂଖ୍ୟା 1344/1996

ଏଥିରେ

ଦେୱାନୀ ଅପିଲ ସଂଖ୍ୟା 204/1979 ।

ଦେୱାନୀ ରିଟ୍ ଆବେଦନ ସଂଖ୍ୟା 1674/1978 ରେ 19.4.1978 ତାରିଖରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଆର୍.କେ. ମାହେଶ୍ୱରୀ ।

ଉତ୍ତରଦାତାମାନଙ୍କ ପାଇଁ ସି.ଏଲ. ସାହୁ (ଏନ.ପି.) ଏବଂ ପ୍ରେମ ମାଲହୋତ୍ରା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

7.2.1996 ତାରିଖର ଆଦେଶ ପ୍ରତ୍ୟାହାର କରିନିଆଗଲା । ଆମେ ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ମାହେଶ୍ୱରୀଙ୍କୁ ଶୁଣିଲୁ ।

ଏକମାତ୍ର ପ୍ରଶ୍ନ ହେଉଛି ; ସର୍ଦ୍ଦାରଜନ୍ତୀ କଲାନ ସମବାୟ କୃଷି ସେବା ସମିତିର ସଭାପତି ଭାବରେ ଅପିଲକାରୀ ଅନ୍ୟ ଦୁଇ ଜଣ ବ୍ୟକ୍ତି, ସଚିବ ଏବଂ କୋଷାଧ୍ୟକ୍ଷଙ୍କ ସହ, 65, 726.59 ଟଙ୍କାର ହିସାବ ଦେବାକୁ ଦାୟୀ କି । ଏହା ଏକ ସ୍ଥିରୀକୃତ ସ୍ଥିତି ଯେ, ତାରା ଚାନ୍ଦ ପୂର୍ବତନ ସଚିବ ଅଟନ୍ତି, ଅପିଲକାରୀ, ପୂର୍ବତନ ସଭାପତି ଏବଂ ସର୍ଦ୍ଦାର ସିଂ ପୂର୍ବତନ କୋଷାଧ୍ୟକ୍ଷ ଅଟନ୍ତି । ହରିୟାଣା ସମବାୟ ସମିତି ଅଧିନିୟମ ଅନୁଯାୟୀ ଅଧିନିର୍ଣ୍ଣୟ ପ୍ରଦାନ ପ୍ରକ୍ରିୟାରୁ ଏହି ବିବାଦ ସୃଷ୍ଟି ହୋଇଥିଲା । ନିବନ୍ଧକଙ୍କୁ ଦିଆଯାଇଥିବା ଏକ ବିଚାରାର୍ଥେ ପ୍ରେରଣରେ, ଏହି ମାମଲାର ଅନୁସନ୍ଧାନ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ପଠାଯାଇଥିଲା । ଏହାର ଆଧାରରେ, ପକ୍ଷମାନଙ୍କୁ ଅଧିସୂଚନା ଦେବା ପରେ ଏବଂ ଉପଯୁକ୍ତ ତଦନ୍ତ କରିବା ପରେ ଅଧିନିର୍ଣ୍ଣୟ ପାରିତ ହୋଇଥିଲା ଯେଉଁଥିରେ ଦର୍ଶାଯାଇଥିଲା ଯେ, ତିନି ଜଣ ଅଧିକାରୀ, ଯଥା-ସଭାପତି ଭାବେ ଅପିଲକାରୀ, ସଚିବ ଭାବେ ତାରା ଚାନ୍ଦ ଏବଂ କୋଷାଧ୍ୟକ୍ଷ ଭାବେ ସର୍ଦ୍ଦାର ସିଂହ ମିଳିତ ଭାବେ ଏବଂ ବ୍ୟକ୍ତିଗତ ଭାବେ ହିସାବ ବହିର୍ଭୂତ ଅର୍ଥରାଶି 65, 726.59 ଟଙ୍କା ପାଇଁ ଦାୟୀ ଥିଲେ । ସଚିବ ଏବଂ କୋଷାଧ୍ୟକ୍ଷ ଏହି ଅଧିନିର୍ଣ୍ଣୟକୁ ଚୂଡ଼ାନ୍ତ ହେବାକୁ ଅନୁମତି ଦେଇଥିଲେ । ଅପିଲକାରୀ ଏହି ମାମଲାକୁ ଅପିଲରେ ନେଇଥିଲେ, ଯାହା ନିଶ୍ଚିତ ହୋଇଥିଲା; ଫଳସ୍ୱରୂପ ଦାଖଲ ହୋଇଥିବା ରିଟ୍ ଆବେଦନ ଖାରଜ ହୋଇଯାଇଥିଲା । ତେଣୁ, ଏହି ନ୍ୟାୟାଳୟର ସ୍ୱତନ୍ତ୍ର ଅନୁମତି ପ୍ରଦାନ ଦ୍ୱାରା ଏହି ଅପିଲ ମଞ୍ଜୁର ହୋଇଛି ।

ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀ ମାହେଶ୍ୱରୀ ଯୁକ୍ତି ବାଢ଼ିଛନ୍ତି ଯେ, ଅପିଲ ପ୍ରାଧିକାରୀ ଏହି ଆଧାରରେ କାର୍ଯ୍ୟ କରିଥିଲେ ଯେ ଅପିଲକାରୀ ଏହି ଆତ୍ମସାତ୍ କରଣକୁ ସ୍ୱୀକାର କରିଛନ୍ତି ଏବଂ ସେହି ଅନୁଯାୟୀ ସେ ଅଧିନିର୍ଣ୍ଣୟକୁ ନିଶ୍ଚିତ କରିଛନ୍ତି । ଏହି ନ୍ୟାୟଳୟ ଏହାର ପଠନ ପରେ ନଥି ମାଗି ଜାଣିବାକୁ ପାଇଲେ ଯେ ଏପରି କୌଣସି ସ୍ୱୀକାରୋକ୍ତି ନାହିଁ । ତେଣୁ ଅନୁମତି ମଞ୍ଜୁର କରାଯାଇଥିଲା । ଅପିଲକାରୀ ଏହି ଆତ୍ମସାତ୍ କରଣକୁ ସ୍ୱୀକାର କରିନଥିବାରୁ, ଏହା ପ୍ରମାଣିତ ହେବା ଆବଶ୍ୟକ ଯେ, ଅପିଲକାରୀ ମଧ୍ୟ ଏଥିରେ ଏକ ପକ୍ଷ ଥିଲେ । ଏହା ତର୍କ କରାଯାଏ ଯେ, ଏପରି ପ୍ରମାଣର ଅନୁପସ୍ଥିତିରେ, ସମିତିର ସଦସ୍ୟମାନଙ୍କୁ ହିସାବ ବହିର୍ଭୂତ ଟଙ୍କା ପାଇଁ ତାଙ୍କୁ କୌଣସି ଦାୟୀ କରାଯାଇପାରିବ ନାହିଁ । ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ । ଏହା ସତ୍ୟ ଯେ ତଦନ୍ତ ପରିଚାଳନା କରିଥିବା ନିବନ୍ଧକ ଏହି ସ୍ୱୀକାରୋକ୍ତି ଉପରେ ଟିପ୍ପଣୀ ଦେଇଥିଲେ । ଏହି ସ୍ୱୀକାରୋକ୍ତି କେବଳ ସାର୍ବଜନୀନ ପରିବହନ ଭାବେ ବ୍ୟବହାର କରିବା ପାଇଁ ତିନିଜଣ ବ୍ୟକ୍ତିଙ୍କ ଦ୍ୱାରା ମିଳିତ ଭାବେ ଏକ ଟେମ୍ପୋ କ୍ରୟ ସମ୍ବନ୍ଧରେ ଥିଲା ଏବଂ ଏଥିରୁ ପ୍ରାପ୍ତ ଆୟକୁ ସମିତିର ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯିବାର ଆବଶ୍ୟକତା ଥିଲା । ଏହା ଅପିଲକାରୀ ଏବଂ

ଅନ୍ୟମାନଙ୍କ ଦ୍ୱାରା ସ୍ୱୀକାର ନୁହେଁ ଯେ ସେମାନେ ପରିମାଣର ଆତ୍ମସାତ୍ କରିଛନ୍ତି । ପ୍ରମାଣରୁ ଏହା ଜଣାପଡ଼େ ଯେ ଏକ ନିର୍ଦ୍ଦିଷ୍ଟ ରାଶିର ପ୍ରତ୍ୟେକ ସଦସ୍ୟଙ୍କୁ, 1500 ଟଙ୍କା ହାରରେ ଟେମ୍ପୋ କ୍ରୟ ପାଇଁ ଜମା କରାଯାଇଥିଲା ଏବଂ ଅପିଲକାରୀ ଏବଂ ଅନ୍ୟମାନଙ୍କ ଦ୍ୱାରା ସ୍ୱୀକାର କରାଯାଇଛି ଯେ, ଟେମ୍ପୋ କ୍ରୟ କରାଯାଇଥିଲା । ଥରେ ଏହା ପ୍ରମାଣିତ ହୋଇଗଲା ପରେ ଯେ, ଟେମ୍ପୋ ପ୍ରକୃତରେ କିଣାଯାଇଥିଲା, ଏହାର ସାର୍ବଜନୀନ ପରିବହନ ଭାବରେ ବ୍ୟବହାର ଦ୍ୱାରା ପ୍ରାପ୍ତ ଲାଭ ପାଇଁ ହିସାବ କରିବାକୁ ସମିତିର ଉକ୍ତ ପଦାଧିକାରୀଙ୍କ ଉପରେ ଦାୟିତ୍ୱ ଥାଏ । ଫଳାଫଳଟି ହେଉଛି ଯେ, ସେମାନେ ହିସାବ କରିନାହାନ୍ତି । ଏହା ସତ୍ୟ ଯେ, ଆମ ସମ୍ମୁଖରେ ରଖାଯାଇଥିବା ଭଳି, ସମିତିର ଉପ-ନିୟମ ଅନୁଯାୟୀ ଦାୟିତ୍ୱ କୋଷାଧ୍ୟକ୍ଷ ଏବଂ ସଚିବଙ୍କର ଅଟେ । କିନ୍ତୁ ସଭାପତି ଭାବେ ଅପିଲକାରୀ ସାମଗ୍ରିକ ଦାୟିତ୍ୱ ବହନ କରନ୍ତି । ସମିତିର ସଭାପତି ଭାବରେ, ସେ ଏହାର ହିସାବ ପାଇଁ କୋଷାଧ୍ୟକ୍ଷ ଏବଂ ସଚିବଙ୍କ ସହ ସାମୂହିକ ଦାୟିତ୍ୱ ବହନ କରନ୍ତି । ପାଣ୍ଠିର ହିସାବରକ୍ଷଣର ଅନୁପସ୍ଥିତିରେ, ଆବଶ୍ୟକ ଅନୁମାନ ହେଉଛି ଯେ ଅନୁଷ୍ଠାନର ଅନୁପଯୁକ୍ତ ପରିଚାଳନା ଥିଲା ଏବଂ ଏହିପରି ସେମାନେ ସମିତି ଏବଂ ସଦସ୍ୟମାନଙ୍କୁ ହୋଇଥିବା କ୍ଷତିର ଭରଣା ପାଇଁ ଦାୟୀ ଅଟନ୍ତି । ସେମାନଙ୍କ ବିରୁଦ୍ଧରେ ପଞ୍ଜୀକୃତ ଅପରାଧ ଏକ ଅଧିଭାର ସମ୍ବନ୍ଧରେ; କିନ୍ତୁ ଅତିରିକ୍ତ ଦେୟ କାର୍ଯ୍ୟାନୁଷ୍ଠାନଟି ଅଧିକାରୀ କିମ୍ବା ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ଦ୍ୱାରା ଗଣନା ହୋଇନଥିବା ଟଙ୍କା ପାଇଁ ଅଟେ । ସମିତିର ସଭାପତି ଭାବରେ, ଅପିଲକାରୀ ସମିତିର ପାଣ୍ଠିର ହିସାବ ସଠିକ ଭାବରେ କରିବା ପାଇଁ ସାମୂହିକ ଦାୟିତ୍ୱ ବହନ କରନ୍ତି । ଏହାକୁ ବିଲୋପ କରିବା ଦ୍ୱାରା ଆତ୍ମସାତ୍ କରଣ ହୋଇଥାଏ ।

ଏହା ପରେ ଯୁକ୍ତି କରାଯାଏ ଯେ, କେତେକ ଦସ୍ତାବିଜ ଅପିଲକାରୀଙ୍କୁ ପ୍ରଦାନ କରାଯାଇ ନାହିଁ ଏବଂ ତେଣୁ ଏହା ପ୍ରାକୃତିକ ନ୍ୟାୟର ନୀତିକୁ ଉଲ୍ଲଂଘନ କରେ । ଆମେ ସମୟର ଏହି ବିଳମ୍ବତାରେ, ଯୁକ୍ତିରେ କୌଣସି ଦୃଢତା ପାଉ ନାହୁଁ, କାରଣ ଏଥିରେ ତଥ୍ୟର ପ୍ରଶ୍ନଗୁଡ଼ିକର ଅନୁସନ୍ଧାନ ଅନ୍ତର୍ଭୁକ୍ତ ଅଟେ ।

ତଦନୁସାରେ ଅପିଲକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**<u>ଅନୁବାଦକ</u>**

 କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ